# ତା୬.୯.୨୦୧୦ରେ ଭୁବନେଶ୍ୱର ଦୂରଦର୍ଶନରେ ପେସା ଉପରେ ଦଳଗତ ଆଲୋଚନା ପାଇଁ ପ୍ରସଙ୍ଗ ଚୟନ

***ଆଲୋଚକଗଣ***- *ଶ୍ରୀ ଅରବିନ୍ଦ ଢାଲି ପୂର୍ବତନ ମନ୍ତ୍ରୀ ଓ ବର୍ତ୍ତମାନର ବିଧାୟକ, ଜୟଦେବ; ଶ୍ରୀ ପ୍ରକାଶ ରଥ ସମାଜସେବୀ; ଶ୍ରୀ ଚିତ୍ତ ବେହେରା, ସ୍ତମ୍ଭକାର ଏବଂ* ***ସଂଯୋଜକ*** *ଶ୍ରୀ ଚିତ୍ତରଂଜନ ମହାପାତ୍ର ।*

**୧-** ପେସା ହେଉଛି ଏକ ସଂକ୍ଷିପ୍ତ ନାମ, ଯାହାର ପୁରା ନାମ ହେଲା 'ଅନୁସୂଚୀତ ଅଞ୍ଚଳକୁ ପଞ୍ଚାୟତ ସଂପ୍ରସାରଣ ପାଇଁ ପ୍ରାବ୍‌ଧାନସମୂହ ୧୯୯୬' ବା ଇଂରାଜୀରେ Provisions for Panchayats (Extension to Scheduled Areas) Act 1996 । ଏହା ୨୪ଡିସେମ୍ବର ୧୯୯୬ରେ ଭାରତର ଗେଜେଟ୍‌ରେ ବିଜ୍ଞପ୍ତି ଲାଭ କରିଥିଲା । ଏପ୍ରକାର ଏକ ଆଇନ୍ ପ୍ରଣୟନ ପାଇଁ ସାମ୍ବିଧାନିକ ବାଧ୍ୟତା ଥିଲା । କାରଣ ଜାତୀୟ ସ୍ତରରେ ତ୍ରିସ୍ତରୀୟ ପଞ୍ଚାୟତି ରାଜ ଚାଲୁ କରିବା ପାଇଁ ୭୩ତମ ସଂବିଧାନ ସଂଶୋଧନ ବଳରେ ସମ୍ବିଧାନର ଭାଗ-୯ରେ 'ପଞ୍ଚାୟତସମୂହ' ଶୀର୍ଷକ ଅଧୀନରେ ଧାରା ୨୪୩ରୁ ଧାରା ୨୪୩ (ଓ) ଅଧୀନରେ ଯେଉଁସବୁ ପ୍ରାବ୍‌ଧାନମାନ ନୂଆ ଭାବେ ସ୍ଥାନିତ କରାଗଲା, ତାହାର ଧାରା ୨୪୩(ଏମ୍-୧)ରେ କୁହାଯାଇଥିଲା ଯେ, ଏହିସବୁ ପ୍ରାବ୍‌ଧାନମାନ ସମ୍ବିଧାନର ଧାରା-୨୪୪ରେ ବର୍ଣ୍ଣିତ ହୋଇଥିବା ପଞ୍ଚମ ଅନୁସୂଚୀ ଓ ଷଷ୍ଠ ଅନୁସୂଚୀ ଅଞ୍ଚଳ ପାଇଁ ଲାଗୁ ହେବନାହିଁ । ପୁଣି ଧାରା ୨୪୩(ଏମ୍-୪ଏ)ରେ କୁହାଯାଇଥିଲା ଯେ, ସଂପୃକ୍ତ ରାଜ୍ୟମାନେ ନିଜର ଆଇନସଭାରେ ପ୍ରସ୍ତାବ ଗ୍ରହଣ କରି ଏହିସବୁ ପ୍ରାବ୍‌ଧାନଗୁଡିକୁ ନିଜର ଷଷ୍ଠ ଅନୁସୂଚୀ ଅଞ୍ଚଳରେ ଲାଗୁ କରିପାରନ୍ତି ଏବଂ ଧାରା ୨୪୩(ଏମ୍-୪ବି)ରେ କୁହାଗଲା ଯେ, ଭାରତର ସଂସଦ ଏହିସବୁ ପ୍ରାବ୍‌ଧାନଗୁଡିକୁ ଆବଶ୍ୟକ ସ୍ଥଳେ ପରିବର୍ତ୍ତନ ଓ କାଣ୍ଟଛାଣ୍ଟ କରି ସେଗୁଡିକୁ ସ୍ୱତନ୍ତ୍ର ଆଇନ୍ ବଳରେ ପଞ୍ଚମ ଅନୁସୂଚୀ ଅଞ୍ଚଳମାନଙ୍କରେ ଲାଗୁ କରିପାରନ୍ତି । ଏହି କାରଣରୁ ୭୩ତମ ସମ୍ବିଧାନ ସଂଶୋଧନ, ୧୯୯୨ (ଯାହାକି ୨୪ ଏପ୍ରିଲ୍ ୧୯୯୩ରୁ ଲାଗୁ ହୋଇଥିଲା) ତତ୍‌କ୍ଷଣାତ୍ ପଞ୍ଚମ ଅନୁସୂଚୀ ଅଞ୍ଚଳରେ ଲାଗୁ ହୋଇପାରି ନଥିଲା । ଯେଉଁ ସ୍ୱତନ୍ତ୍ର ଆଇନ୍ କଥା ସେବେ କୁହାଯାଇଥିଲା, ତାହା ହିଁ ପରବର୍ତ୍ତୀ ସମୟର ପେସା ୧୯୯୬ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ଜଙ୍ଗଲବାସୀ (ଜଙ୍ଗଲ ଅଧିକାରସମୂହର ସ୍ୱୀକୃତି) ଆଇନ୍ ୨୦୦୬ ବା ସଂକ୍ଷେପରେ କହିଲେ ଜଙ୍ଗଲ ଅଧିକାର ଆଇନ୍‌ର ଧାରା-୧୩ ଅନୁଯାୟୀ ପେସାର ଏକ ଅନତିକ୍ରମଣୀୟ ପ୍ରଭାବ ରହିଛି ।

**୨-** ଅନୁସୂଚୀତ ଅଞ୍ଚଳମାନଙ୍କରେ ତ୍ରିସ୍ତରୀୟ ପଞ୍ଚାୟତିରାଜୁ ଲାଗୁ କରିବା ସଂକ୍ରାନ୍ତରେ ସବିଶେଷ ଅଧ୍ୟୟନ ପାଇଁ ଜୁନ୍ ୧୯୯୪ରେ ସାଂସଦ ଶ୍ରୀ ଦିଲ୍ଲୀପ ସିଂହ ଭୁରିଆଙ୍କ ଅଧ୍ୟକ୍ଷତାରେ ଏକ ସଂସଦୀୟ କମିଟି ଗଠିତ ହୋଇଥିଲା । ଫେବୃଆରି ୧୯୯୫ରେ ଏହି କମିଟି ନିଜର ରିପୋର୍ଟ ଦାଖଲ କରିଥିଲେ ଏବଂ ତାହା ଉପରେ ମଧ୍ୟ ବିଭିନ୍ନ ସ୍ତରରେ ବିତର୍କ ଅନୁଷ୍ଠିତ ହୋଇଥିଲା । କିନ୍ତୁ ମୋଟ ଉପରେ ସେହି ରିପୋର୍ଟର ସୁପାରିଶ୍‌କୁ ଆଧାର କରି ପ୍ରଥମେ ପେସା ବିଧେୟକ ପ୍ରଣୀତ ହୋଇ ତା'ପରେ ଆଇନ୍‌ରେ ପରିଣତ ହୋଇଥିଲା । ସୁତରାଂ କହିବାକୁ ଗଲେ, ଭୁରିଆ କମିଟି ଏକ ସାଂବିଧାନିକ ଅଙ୍ଗୀକାରକୁ କାର୍ଯ୍ୟରୂପ ଦେବାରେ ସହାୟକ ବା ସହଯୋଗୀର ଭୂମିକା ଗ୍ରହଣ କରିଥିଲେ । ଭୁରିଆ କମିଟିର ସୁପାରିଶ୍ ଅନୁଯାୟୀ ପେସା ପ୍ରବର୍ତ୍ତୀତ ହୋଇଛି ବୋଲି କହିବା ଦ୍ୱାରା ପେସା ପଛରେ ଯେ ଏକ ଅପରିହାର୍ଯ୍ୟ ସାମ୍ବିଧାନିକ ଅଙ୍ଗୀକାର ଥିଲା ସେହି ସତ୍ୟକୁ ଉପେକ୍ଷା କରାଯାଉଛି ।

**୩-** ପେସା ପ୍ରଣୟନର ଆବଶ୍ୟକତା ମଧ୍ୟ ପଡିନଥାନ୍ତା, ଯଦି ସମ୍ବିଧାନର ପଞ୍ଚମ ଅନୁସୂଚୀରେ ଅନୁସୂଚୀତ ଅଞ୍ଚଳର ଉପଯୁକ୍ତ ଶାସନ ପାଇଁ ଉଭୟ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କୁ ଯେଉଁ ବ୍ୟାପକ କ୍ଷମତା ଦିଆଯାଇଛି, ସେଗୁଡିକର ଯଥାର୍ଥ ଉପଯୋଗ ହୋଇଥାନ୍ତା । ସେହି ଅନୁସୂଚୀର ଧାରା-୫ରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ, ରାଜ୍ୟପାଳ ଯେ କୌଣସି ଆଇନ୍ ବା ନିୟମର ପ୍ରୟୋଗକୁ ପଞ୍ଚମ ଅନୁସୂଚୀ ଅଞ୍ଚଳ କ୍ଷେତ୍ରରେ ବାରଣ କରିପାରନ୍ତି ଅଥବା ସେଥିରେ ପଞ୍ଚମ ଅନୁସୂଚୀ ଅଞ୍ଚଳକୁ ଅନୁକୂଳ ହେଉଥିବା ମତେ ସଂଶୋଧନ ଓ ବ୍ୟତିକ୍ରମମାନ ଘଟାଇ ଲାଗୁ କରିପାରନ୍ତି । ଧାରା-୪ ଅନୁଯାୟୀ, ଏ ବ୍ୟାପାରରେ ତଥା ଆଦିବାସୀମାନଙ୍କର କଲ୍ୟାଣ ଦୃଷ୍ଟିରୁ ରାଜ୍ୟପାଳଙ୍କୁ ପରାମର୍ଶ ଦେବା ପାଇଁ ସଂପୃକ୍ତ ପ୍ରତି ରାଜ୍ୟରେ ଗୋଟିଏ ଆଦିବାସୀ ଉପଦେଷ୍ଟା ପରିଷଦ ରହିବ । ଏହାଛଡା ପ୍ରତି ରାଜ୍ୟର ଅନୁସୂଚୀତ ଅଞ୍ଚଳର ଶାସନ ସମ୍ବନ୍ଧରେ ସଂପୃକ୍ତ ରାଜ୍ୟପାଳ ରାଷ୍ଟ୍ରପତିଙ୍କୁ ଏକ ବାର୍ଷିକ ରିପୋର୍ଟ ନଚେତ୍ ରାଷ୍ଟ୍ରପତି ଚାହିଁବା ମତେ ନିର୍ଦ୍ଦିଷ୍ଟ ବିଷୟରେ ରିପୋର୍ଟ ପଠାଇବେ (ଧାରା-୩) । ପଞ୍ଚମ ଅନୁସୂଚୀର ଧାରା-୫(୨) ଅନୁଯାୟୀ, ବିଶେଷ କରି ଜମି ହସ୍ତାନ୍ତରକୁ ରୋକିବା, ଅନୁସୂଚୀତ ବ୍ୟକ୍ତିଙ୍କୁ ଜମି ଯୋଗାଣ ତଥା ମହାଜନି କାରବାରକୁ ନିୟନ୍ତ୍ରଣ କରିବା ପାଇଁ ଆଇନ୍ ପ୍ରଣୟନ ଓ ପ୍ରଶାସନକୁ ପ୍ରୟୋଗ ପାଇଁ ସଂପୃକ୍ତ ରାଜ୍ୟପାଳଙ୍କୁ କ୍ଷମତା ଦିଆଯାଇଛି । କିନ୍ତୁ ଲକ୍ଷ୍ୟ କରାଗଲା, ଉପରୋକ୍ତ ବ୍ୟବସ୍ଥା ଗୁଡିକ କେବଳ ସଂବିଧାନର ପୃଷ୍ଠାମଣ୍ଡନ କରିଚାଲିଲା । ସେଇଥିପାଇଁ ପେସା ଭଳି ଏକ ସ୍ୱତନ୍ତ୍ର ଆଇନ୍‌ର ପ୍ରଣୟନ ଜରୁରୀ ହୋଇପଡିଲା । ସେଇଥିପାଇଁ ଏହା ମଧ୍ୟ ଏକ ନିର୍ଦ୍ଦେଶାତ୍ମକ ଆଇନ୍, ଅର୍ଥାତ୍ ଏଥିରେ କୁହାଯାଇଛି, ଅନୁସୂଚୀତ ଅଞ୍ଚଳର ଅଧିବାସୀମାନଙ୍କର ସ୍ୱାର୍ଥ ଦୃଷ୍ଟିରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଆଇନ୍ ଗୁଡିକ କେମିତିଆ ହେବା କଥା ।

**୪-** ଦେଖିବାକୁ ଗଲେ ପେସା ହେଉଛି ମାତ୍ର ୫ଧାରା ବିଶିଷ୍ଟ ଗୋଟିଏ ଛୋଟିଆ ଆଇନ୍, କିନ୍ତୁ ଏହାର ପରିସର ଭିତରେ ଅନେକ ବିଷୟ ଅନ୍ତର୍ଭୁକ୍ତ । ଏହାର ଧାରା-୧ ରେ ଆଇନ୍‌ର ନାମ, ଓ ଧାରା-୨ ରେ ଅନୁସୂଚୀତ ଅଞ୍ଚଳର 'ସଂଜ୍ଞା' ଦିଆଯାଇ କୁହାଯାଇଛି ଯେ, ସଂବିଧାନର ଧାରା-୨୪୪(୧)ରେ ପ୍ରଦତ୍ତ ସଂଜ୍ଞା ହିଁ ଏଠାରେ ପ୍ରଯୁଜ୍ୟ ରହିବ । ଧାରା-୩ରେ କୁହାଗଲା ଯେ, ଧାରା-୪(ସଂବିଧାନର ଭାଗ-୯ର ସଂପ୍ରସାରଣ)ରେ ଯେଉଁସବୁ ପରିବର୍ତ୍ତନ ଓ ବ୍ୟତିକ୍ରମ ସୂଚୀତ ହୋଇଛି, ସେଗୁଡିକୁ ମାନ୍ୟତା ଦେବା ସହିତ ଭାଗ-୯ର ବ୍ୟବସ୍ଥାଗୁଡିକୁ ଅନୁସୂଚୀତ ଅଞ୍ଚଳକୁ ସଂପ୍ରସାରଣ କରାଯାଉଛି । ପେସାର ପ୍ରକୃତ ଗଣ୍ଠି ହେଉଛି ଧାରା-୪, ଯେଉଁଥିରେ ଧାରା ୪(ଏ) ରୁ ଧାରା ୪(ଓ) ପର୍ଯ୍ୟନ୍ତ ୧୫ଟି ଉପଧାରା ରହିଛି, ପୁଣି ଉପଧାରା (ଇ) ରେ ଦୁଇଟି ବିଷୟ ଏବଂ ଉପଧାରା (ଏମ୍)ରେ ୭ଟି ବିଷୟର ଅବତାରଣା କରାଯାଇଛି । ଧାରା-୫ରେ ଉଭୟ କେନ୍ଦ୍ର ଓ ରାଜ୍ୟ ପ୍ରତି ଏକ କଡା ନିର୍ଦ୍ଦେଶ ରହିଛି; ଅନୁସୂଚୀତ ଅଞ୍ଚଳ

ପାଇଁ ପଞ୍ଚାୟତ ସଂବନ୍ଧୀୟ ଯାହାକିଛି ଆଇନ୍ ରହିଛି, ଯଦି ତନ୍ମଧ୍ୟରୁ କୌଣସି ଆଇନ୍ ପେସା ସହିତ ଅସଂଗତ ହେଉଥିବ, ତେବେ ତାହା ପେସା ପ୍ରବର୍ତ୍ତୀତ ହେବାର ମାତ୍ର ବର୍ଷକ ପର୍ଯ୍ୟନ୍ତ କାଏମ୍ ରହିପାରେ, ଅର୍ଥାତ୍ ସଂପୃକ୍ତ ଆଇନସଭା ବା କର୍ତ୍ତୃପକ୍ଷମାନେ ସେହିସବୁ ଆଇନ୍‌କୁ ଏହି ବର୍ଷକ ଭିତରେ ପେସାର ପ୍ରାବ୍ଧାନ ଅନୁଯାୟୀ ପରିବର୍ତ୍ତନ ବା କାଣ୍ଟଛାଣ୍ଟ କରିବେ । ବର୍ତ୍ତମାନ ଠିକ୍ ରୂପେ କହିଲେ, ପେସାର ପରିସର ହେଲା, ସମ୍ବିଧାନର ଏକାଦଶ ଅନୁସୂଚୀରେ ପଞ୍ଚାୟତକୁ ପ୍ରଦତ୍ତ ହୋଇଥିବା ୨୯ଟି ବିଷୟ ସହିତ ପେସାର ଯେତେଗୁଡ଼ିଏ ପ୍ରାବ୍ଧାନ ଅଛି ।

**୫-** ଉପରୋକ୍ତ ନିର୍ଦ୍ଦେଶନାମା ଦୃଷ୍ଟିରୁ ବିଚାର କଲେ ପେସା ପ୍ରବର୍ତ୍ତନ ହେବାର ପାଖାପାଖି ୧୫ବର୍ଷ ପରେ ମଧ୍ୟ ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରର ବହୁତ ଆଇନର ବିଧିବ୍ୟବସ୍ଥାକୁ ଆମେ ଅବୈଧ କହିପାରିବା । ଉଦାହରଣ ସ୍ୱରୂପ, ଜମି ଅଧିଗ୍ରହଣ ଆଇନ୍ ୧୮୯୪, କୋଇଲା ପ୍ରସୁ (ସଂଗ୍ରହ ଓ ବିକାଶ) ଅଞ୍ଚଳ ଆଇନ୍ ୧୯୫୭ ଓ ଖଣି ଓ ଖଣିଜବସ୍ତୁ (ବିକାଶ ଓ ନିୟନ୍ତ୍ରଣ ) ଆଇନ୍ ୧୯୫୭, ଭାରତୀୟ ଜଙ୍ଗଲ ଆଇନ୍ ୧୯୨୭ ଓ ଜଙ୍ଗଲ ସଂରକ୍ଷଣ ଆଇନ୍ ୧୯୮୦ ଯେଉଁଗୁଡ଼ିକ କି ଅନୁସୂଚୀତ ଅଞ୍ଚଳ ଓ ସେଠାକାର ଆଦିବାସୀମାନଙ୍କର ଜୀବନ ଓ ଜୀବିକା ସହ ଗଭୀର ଭାବେ ସଂପର୍କୀତ, କିନ୍ତୁ ସେଗୁଡ଼ିକରେ ପେସା ଅନୁଯାୟୀ କୌଣସି ସଂଶୋଧନ ଅଣାଯାଇନି । ପୁଣି, ପେସା ନାଁରେ କେତେକ ରାଜ୍ୟରେ ସେମାନଙ୍କର ପଞ୍ଚାୟତୀ ଆଇନ୍‌ରେ ଯେଉଁ ସବୁ ସଂଶୋଧନ ଅଣାଗଲା (ଯଥା ଓଡିଶାରେ ଗ୍ରାମ ପଞ୍ଚାୟତ ଆଇନ୍ ୧୯୬୪, ପଞ୍ଚାୟତ ସମିତି ଆଇନ୍ ୧୯୫୯ ଓ ଜିଲ୍ଲା ପରିଷଦ ଆଇନ୍ ୧୯୯୧, ବିହାର ଏବଂ ଓଡିଶା ଅବକାରୀ ଆଇନ୍ ୧୯୧୫ରେ ସଂଶୋଧନ), ସେଗୁଡ଼ିକ ପେସାର ମୁଖ୍ୟ ନିର୍ଦ୍ଦେଶନା, ଯଥା ଗ୍ରାମସଭାକୁ କ୍ଷମତାଅର୍ପଣର ବିପରୀତମୁଖୀ କହିଲେ ଅତ୍ୟୁକ୍ତି ହେବନାହିଁ । ଯୋଜନା କମିଶନ୍‌ଙ୍କ ଦ୍ୱାରା ନିୟୋଜିତ ବିଶେଷଜ୍ଞ କମିଟି ଶ୍ରୀ ଡି.ବନ୍ଦୋପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ତାଙ୍କର ରିପୋର୍ଟ 'ଚରମପନ୍ଥୀଙ୍କ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ବିକାଶର ଆହ୍ୱାନ' (୨୦୦୮)ରେ ଦର୍ଶାଇଛନ୍ତି ଯେ, ଅନୁସୂଚୀତ ଅଞ୍ଚଳଗୁଡ଼ିକରେ ପେସାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବାରେ ବିଫଳତା ହିଁ ସେହିସବୁ ଅଞ୍ଚଳରେ ମାଓବାଦର ପ୍ରସାରରେ ସହାୟକ ହୋଇଛି । ଅନୁରୂପ ମନ୍ତବ୍ୟ ମଧ୍ୟ ଆମେ ଦେଖିବାକୁ ପାଉ ଆଉ ଦୁଇଟି ରିପୋର୍ଟରେ, ଯଥା ଯୋଜନା କମିଶନ୍‌ଙ୍କ ଦ୍ୱାରା ଶ୍ରୀ ବନ୍ଦୋପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ରିପୋର୍ଟ 'ଏକାଦଶ ପଞ୍ଚବାର୍ଷିକ ଯୋଜନା ପାଇଁ ଭୂ-ସଂପର୍କର ନିର୍ଦ୍ଧାରଣ (୨୦୦୬)' ତଥା କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟଙ୍କ ସହାୟତା ପ୍ରାପ୍ତ ଇନଷ୍ଟିଚ୍ୟୁଟ୍ ଅଫ୍ ରୁରାଲ୍ ମାନେଜମେଣ୍ଟ, ଆନନ୍ଦ ଦ୍ୱାରା ପରିଚାଳିତ ଆଉ ଏକ ଅଧ୍ୟୟନ (୨୦୧୦) ।

**୬-** ପେସାର ଧାରା-୪ରେ ଯେଉଁସବୁ ପ୍ରାବ୍ଧାନ ସ୍ଥାନିତ ହୋଇଛି, ସେଗୁଡ଼ିକ ଭିତରୁ ପ୍ରମୁଖ ହେଲା-

- ଯେ କୌଣସି ରାଜ୍ୟ ପଞ୍ଚାୟତ ଉପରେ ଆଇନ୍ ତିଆରି କଲାବେଳେ, ତାହା ପ୍ରଥାସିଦ୍ଧ ଆଇନ୍, ସାମାଜିକ ଏବଂ ଧାର୍ମିକ ଆଚରଣ-ଧାରା, ଏବଂ ସମୂହ ସମ୍ପଦର ପାରମ୍ପରିକ ପରିଚାଳନା ବ୍ୟବସ୍ଥା ସହ ସଂଗତିସଂପନ୍ନ ହେଉଥିବ ।
- ଲୋକମାନଙ୍କର ପରମ୍ପରା ଓ ପ୍ରଥାସମୂହ, ସେମାନଙ୍କର ସାଂସ୍କୃତିକ ଅସ୍ମିତା, ସମୂହ ସମ୍ବଳ ତଥା ପାରମ୍ପରିକ ବିବାଦ ମୀମାଂସା ପଦ୍ଧତିକୁ ସୁରକ୍ଷା ଓ ସଂରକ୍ଷଣ ପାଇଁ ଗ୍ରାମସଭା କ୍ଷମତାପ୍ରାପ୍ତ ହେବ ।
- କୌଣସି ଏକ ଗ୍ରାମରେ ଯେ କୌଣସି ଯୋଜନା, କାର୍ଯ୍ୟକ୍ରମ ଏବଂ ପ୍ରକଳ୍ପ ପଞ୍ଚାୟତ ଦ୍ୱାରା କାର୍ଯ୍ୟକାରୀ ହେବା ପୂର୍ବରୁ ତାହା ଗ୍ରାମସଭାର ଅନୁମୋଦନ ଲାଭ କରିଥିବ ତଥା ଯେ କୌଣସି ଦାରିଦ୍ର୍ୟ ଦୂରୀକରଣ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମର ହିତାଧିକାରୀ ମାନଙ୍କୁ ଗ୍ରାମସଭାହିଁ ଚିହ୍ନଟ କରିବ ।
- ପଞ୍ଚାୟତ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ପ୍ରତି କାର୍ଯ୍ୟ ପିଛା ପାଣ୍ଠି ବିନିଯୋଗର ପ୍ରମାଣପତ୍ର ଗ୍ରାମସଭା ହିଁ ଦେବ ।
- ଅନୁସୂଚୀତ ଅଞ୍ଚଳରେ କୌଣସି ଉନ୍ନୟନ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ତଥା ପୁନର୍ବାସ ପାଇଁ ପଦକ୍ଷେପ ନେବା ପୂର୍ବରୁ ଏ ବିଷୟରେ ଗ୍ରାମସଭା ବା ଯଥୋଚିତ ସ୍ତରର ପଞ୍ଚାୟତ ସହିତ ପରାମର୍ଶ କରାଯିବ; ଏହି ପ୍ରକଳ୍ପଗୁଡ଼ିକର ସବିଶେଷ ଯୋଜନା ପ୍ରସ୍ତୁତି ଓ କାର୍ଯ୍ୟକାରିତା ରାଜ୍ୟ ସ୍ତରରେ ସଂଯୋଜିତ ହେବ ।
- ଜଳାଶୟଗୁଡ଼ିକର ନିର୍ମାଣ ଓ ପରିଚାଳନା ଯଥୋଚିତ ସ୍ତରର ପଞ୍ଚାୟତ ଉପରେ ନ୍ୟସ୍ତ ରହିବ ।
- ଅନୁସୂଚୀତ ଅଞ୍ଚଳରେ ଲଘୁ ଖଣିଜ ପଦାର୍ଥର ଅନୁସନ୍ଧାନ ପାଇଁ ଲାଇସେନ୍ସ ଅଥବା ଉତ୍ତୋଳନ ପାଇଁ ଲିଜ୍ ମଞ୍ଜୁରି କରିବା ପୂର୍ବରୁ ଗ୍ରାମସଭା ବା ଯଥୋଚିତ ସ୍ତରର ପଞ୍ଚାୟତର ସୁପାରିଶ୍ ବାଧ୍ୟତାମୂଳକ ହେବ ।
- ଲଘୁ ଖଣିଜ ପଦାର୍ଥର ବ୍ୟବହାର ପାଇଁ ନିଲାମ ବଳରେ ରିହାତି-ଯୁକ୍ତ ମଞ୍ଜୁରି ପ୍ରଦାନ ପୂର୍ବରୁ ଗ୍ରାମସଭା ବା ଯଥୋଚିତ ସ୍ତରର ପଞ୍ଚାୟତର ଅଗ୍ରୀମ ସୁପାରିଶ୍ ବାଧ୍ୟତାମୂଳକ ହେବ ।
- ଧାରା ୪(ଏମ୍)ରେ କୁହାଯାଇଛି ଯେ, ଅନୁସୂଚୀତ ଅଞ୍ଚଳରେ ପଞ୍ଚାୟତମାନେ ଯେପରି ସ୍ୱୟଂଶାସିତ ସଂସ୍ଥାଭାବେ କାର୍ଯ୍ୟକରିବେ ସେଥି ପାଇଁ ସେମାନଙ୍କୁ ସମର୍ଥ କରିବା ପାଇଁ ରାଜ୍ୟର ଆଇନ୍ ସଭା ସେମାନଙ୍କ ଉପରେ କେତେକ କ୍ଷମତା ଓ କର୍ତ୍ତୃତ୍ୱ ନ୍ୟସ୍ତ କରିବେ; କିନ୍ତୁ ଏହା କଲାବେଳେ ସେମାନେ ଗ୍ରାମସଭା ଓ ଯଥୋଚିତ ସ୍ତରର ପଞ୍ଚାୟତମାନଙ୍କୁ ନିର୍ଦ୍ଦିଷ୍ଟ ଭାବେ ନିମ୍ନୋକ୍ତ ୭ଟି ବିଷୟରେ କ୍ଷମତା ପ୍ରଦାନ କରିବେ-

(୧) ନିଶାସାମଗ୍ରୀର ବିକ୍ରୀ ଓ ବ୍ୟବହାରର ନିୟନ୍ତ୍ରଣ ବା ସଂପୂର୍ଣ୍ଣ ନିଶାନିବାରଣ

(୨) ଲଘୁ ବନଜାତ ସାମଗ୍ରୀର ମାଲିକାନା

(୩) ଅନୁସୂଚୀତ ଅଞ୍ଚଳରେ ଜମି-ହସ୍ତାନ୍ତରକୁ ନିଷେଧ କରିବା ଏବଂ ଜଣେ ଆଦିବାସୀ ଠାରୁ ବେଆଇନ୍ ଭାବେ ହସ୍ତାନ୍ତରିତ ହୋଇଥିବା ଜମିକୁ ପୁନରୁଦ୍ଧାର ପାଇଁ ଯଥୋଚିତ ପଦକ୍ଷେପ ଗ୍ରହଣ କରିବା

(୪) ଗ୍ରାମ ବଜାରଗୁଡ଼ିକୁ ପରିଚାଳନା କରିବାର କ୍ଷମତା

(୫) ଆଦିବାସୀମାନଙ୍କ ସହିତ ଋଣ କାରବାରକୁ ନିୟନ୍ତ୍ରଣର କ୍ଷମତା

(୬) ସମସ୍ତ ସାମାଜିକ କ୍ଷେତ୍ରରେ କାର୍ଯ୍ୟରତ ସଂସ୍ଥା ଓ କାର୍ଯ୍ୟକର୍ତ୍ତାମାନଙ୍କ ଉପରେ ନିୟନ୍ତ୍ରଣ ଜାରି କରିବାର କ୍ଷମତା

(୭) ଆଦିବାସୀ ଉପ-ଯୋଜନା (ଟି.ଏସ୍.ପି.) ସହିତ ସବୁ ସ୍ଥାନୀୟ ଯୋଜନାର ପାଣ୍ଠି ଓ ଅନ୍ୟ ବିଷୟସବୁକୁ ନିୟନ୍ତ୍ରଣର କ୍ଷମତା

- ପଞ୍ଚାୟତଗୁଡ଼ିକୁ ସ୍ୱୟଂଶାସିତ ସଂସ୍ଥା ଭାବେ ସକ୍ଷମୀକରଣ କରିବା ଉଦ୍ଦେଶ୍ୟରେ ରାଜ୍ୟ ଯେଉଁସବୁ ଆଇନ୍ ତିଆରି କରିବ, ସେଥିରେ ସେହିସବୁ ସୁରକ୍ଷା ବ୍ୟବସ୍ଥା ରହିବ, ଯାହାଫଳରେ ଉପରିସ୍ଥ ପଞ୍ଚାୟତଗୁଡ଼ିକ ତଳସ୍ତରର ପଞ୍ଚାୟତ କି ଗ୍ରାମସଭାର କ୍ଷମତା ବା କର୍ତ୍ତୃତ୍ୱକୁ ନିଜେ ମାଡ଼ି ବସିବନି ।
- ଅନୁସୂଚୀତ ଅଞ୍ଚଳରେ ଜିଲ୍ଲାସ୍ତରର ପ୍ରଶାସନିକ ବ୍ୟବସ୍ଥାର ସଂସ୍କାର କଲାବେଳେ ରାଜ୍ୟର ଆଇନ୍‌ସଭା ସମ୍ବିଧାନର ଷଷ୍ଠ ଅନୁସୂଚୀରେ ସ୍ଥାନିତ ଢାଞ୍ଚାକୁ ଅନୁସରଣ କରିବା ପାଇଁ ପ୍ରୟାସ କରିବେ ।

**୭. ପେସା ଉପରେ ନିଆଯାଇଥିବା ପଦକ୍ଷେପ ସମ୍ବନ୍ଧରେ ଓଡ଼ିଶା ସରକାରଙ୍କ ଦାବୀ**

| | Provisions of Central Act | Given to which tier of PRIs |
|---|---|---|
| 1. | Section 4(c) and (e)<br>Approve plans, programmes, projects selection of beneficiaries under poverty alleviation programmes, issue of utilisation certificate on funds of Grama Sabha. | Grama Sabha |
| 2. | Section 4(i)-<br>No acquisition of land for development projects and for resettling or rehabilitating persons affected by such projects without prior consultation of the Parishad. | Zilla Parishad. |
| 3. | Section 4(j) –<br>Management of the Minor Water Bodies. | Zilla Parishad. |
| 4. | Section 4(k)(l)-<br>Recommendation prior to issue of prospecting license or mining lease for minor minerals. | Zilla Parishad. |
| 5. | (1) Section 4(m)-<br>Enforcement of prohibition or restriction of the sale and consumption of any intoxicant, ownership and Gram Panchayat of Minor Forest Produce, prevention of alienation of land and restoration of any unlawfully alienated land of a Scheduled Tribe, control over money lending to the Scheduled Tribe, management of village market .<br>(2) (a) The Bihar and Orissa Excise Act has been amended giving power to Grama Sabha of executive control over in toxicants.<br>(b) 68 items of MFP have been transferred to Gram Panchayats. The Orissa Grama Panchayat (Minor Forest Produce Administration Rules, 2002 has come into force w. e. f, 15.11.2002. | Grama Sabha. |
| 6. | Exercise control and supervision over institutions and functionaries of various sectors in relation to programmes and measures of Government, prepare the local plans including tribal sub-plans for the areas and to exercise control over the resources for such plans. | Panchayat Samiti. |
| 7. | To safeguard and preserve the tradition and customs of the people, their cultural identity, community resources and customary mode of dispute resolution consistent with the relevant laws in force and in harmony with basic tenets of the constitution and human rights. | Grama Sabha |

**Source: Annual Report 2002-03 of Dept of Panchayati Raj, Govt of Orissa**

୮- ଏକଥା ସତ, ଓଡ଼ିଶା ଆଇନ୍ ସଭା ପେସା ବିଜ୍ଞପ୍ତି ତାରିଖର ଠିକ୍ ବର୍ଷକ ଭିତରେ ରାଜ୍ୟର ପ୍ରମୁଖ ୩ଟି ପଞ୍ଚାୟତୀ ଆଇନ୍‌କୁ ପେସା ନାଁରେ ସଂଶୋଧନ କରି ୨୨.୧୨.୧୯୯୭ ତାରିଖରେ ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି କରିଛନ୍ତି ଏବଂ ଏହାପରେ ମଧ୍ୟ କେତେକ ବିଧିବ୍ୟବସ୍ଥା ଆଇନ୍‌ର ସଂଶୋଧନ କରି କିମ୍ବା ନିୟମାବଳୀ ପ୍ରବର୍ତ୍ତନ କରି ଜାରି କରିଛନ୍ତି । କିନ୍ତୁ ଏହିସବୁ ସଂଶୋଧନ ଓ ବିଧିବ୍ୟବସ୍ଥା ପେସାର ମୂଳ ଭାବାର୍ଥକୁ ସିଧାସଳଖ ଉଲ୍ଲଂଘନ କରିଛି, ଅର୍ଥାତ୍ ପେସାର ଧାରା ୪(ଏନ୍) ଅନୁଯାୟୀ ଗ୍ରାମସଭାର କ୍ଷମତାକୁ କ୍ଷୁର୍ଣ୍ଣ କଲା ଭଳି କୌଣସି ପ୍ରାବ୍ଧାନ କରାଯିବ ନାହିଁ, ତାହାହିଁ ବଳି ପଡ଼ିଛି ।

ଉଦାହରଣ ସ୍ୱରୂପ, ଜମି ଅଧିଗ୍ରହଣ ଓ ଖଣିଜ ଉତ୍ତୋଳନ ପାଇଁ ପ୍ରସ୍ତାବକୁ ଅନୁମୋଦନ କରିବାର ଚୂଡ଼ାନ୍ତ କ୍ଷମତା ଗ୍ରାମସଭା ବଦଳରେ ଜିଲ୍ଲା ପରିଷଦକୁ ଦିଆଯାଇଛି (ଦ୍ରଷ୍ଟବ୍ୟ- ଜିଲ୍ଲା ପରିଷଦ ଆଇନ୍ ୧୯୯୧ର ଧାରା ୩-୬) ।

ସମସ୍ତ ସରକାରୀ ସଂସ୍ଥା ଓ କାର୍ଯ୍ୟକର୍ତ୍ତାମାନଙ୍କ ଉପରେ ନିୟନ୍ତ୍ରଣ ଜାରି କରିବାର କ୍ଷମତା ଗ୍ରାମସଭା ବଦଳରେ ପଞ୍ଚାୟତ ସମିତି ଉପରେ ନ୍ୟସ୍ତ କରାଯାଇଛି (ଦ୍ରଷ୍ଟବ୍ୟ- ଓଡିଶା ପଞ୍ଚାୟତ ସମିତି ଆଇନ୍ ୧୯୫୯ର ଧାରା ୨୦-୫)।

**୯-** ପେସାର ଧାରା-୪(ଡି)ରେ କୁହାଯାଇଥିଲା ଯେ, ଲୋକମାନଙ୍କର ପରମ୍ପରା ଓ ପ୍ରଥାସମୂହ, ସେମାନଙ୍କର ସାଂସ୍କୃତିକ ଅସ୍ମିତା, ସମୂହ ସମ୍ବଳ ତଥା ପାରମ୍ପରିକ ବିବାଦ ମୀମାଂସା ପଦ୍ଧତିକୁ ସୁରକ୍ଷା ଓ ସଂରକ୍ଷଣ ପାଇଁ ଗ୍ରାମସଭା କ୍ଷମତାପ୍ରାପ୍ତ ହେବ । ଏକଥା ସତ, ଓଡିଶା ଗ୍ରାମ ପଞ୍ଚାୟତ ଆଇନ୍ ୧୯୬୪ର ସଂଶୋଧନ କରାଯାଇ ଧାରା-୫ (ଗ୍ରାମସଭା ଓ ଏହାର କାର୍ଯ୍ୟାବଳୀ) ଅଧୀନରେ ଏକ ନୂଆ ପ୍ରାବ୍ଧାନ ଉପଧାରା (୬) ଯୋଡାଗଲା, ଯେଉଁଥିରେ କି ପେସାର ଉପରୋକ୍ତ ଉକ୍ତିକୁ ଅକ୍ଷତ ଭାବେ ଉଦ୍ଧାର କରାଯାଇଛି, କିନ୍ତୁ ତା ସହିତ ଏକ ଅତିରିକ୍ତ ପରନ୍ତୁକ ଯୋଡି ଦିଆଗଲା- 'ବଳବତ୍ତର ଥିବା ପ୍ରାସଙ୍ଗିକ ଆଇନ୍‌ସମୂହ ଏବଂ ସମ୍ବିଧାନର ମୌଳିକ ନୀତିସମୂହ ତଥା ମାନବିକ ଅଧିକାରସମୂହ ସହିତ ସଂଗତି ରକ୍ଷା କରି' (*'consistent with the relevant laws in force and in harmony with basic tenets of the Constitution and human rights'*)। ଏପରି ଏକ ପରନ୍ତୁକ ଯୋଡିବା ଫଳରେ ବସ୍ତୁତଃ ଗ୍ରାମସଭାକୁ ଉପରୋକ୍ତ ବ୍ୟାପାରରେ କ୍ଷମତା ଦିଆଯିବା ନିର୍ଦ୍ଦେଶନାକୁ କ୍ଷୁର୍ଣ୍ଣ ଓ ବିବଦମାନ କରିଦିଆଗଲା । କିନ୍ତୁ ଏଠାରେ ଆମେ ମନେ ରଖିବା ଦରକାର ଯେ, ଓଡିଶା ଗାମ ପଞ୍ଚାୟତ ଆଇନ୍ ୧୯୪୮ରେ ପଞ୍ଚାୟତୀ ଅଦାଲତ ଓ ପଞ୍ଚାୟତୀ ପୋଲିସ୍‌ର ବ୍ୟବସ୍ଥା ଥିଲା । ଏପରିକି ବର୍ତ୍ତମାନ ପ୍ରଚଳିତ ଥିବା ୧୯୬୪ ଆଇନ୍‌ର ଶେଷ ଆଡକୁ ଏହି ଦୁଇଟି ବ୍ୟବସ୍ଥାର ଶୀର୍ଷକ ମଧ୍ୟ ସ୍ଥାନିତ ରହିଛି । କିନ୍ତୁ ଆବଶ୍ୟକୀୟ ନିୟମାବଳୀ ଅଭାବରୁ ତାହା ପୁରାପୁରି ଅକାମୀ । ପେସାର ଉପରୋକ୍ତ ନିର୍ଦ୍ଦେଶନା ଅନୁଯାୟୀ ରାଜ୍ୟ ଆଇନ୍ ସଭା ଚାହିଁଥିଲେ ୧୯୪୮ ବ୍ୟବସ୍ଥାର ପୁନଃପ୍ରଚଳନ କରିପାରିଥାନ୍ତେ ।

**୧୦-** ଏକଥା ସତ, ପେସା ଅନୁଯାୟୀ ଓଡିଶା ଗ୍ରା.ପ. ଆଇନ୍ ୧୯୬୪ରେ ସଂଶୋଧନ ଆଣିବା ନାଁରେ ଧାରା ୪୪( ବାଧ୍ୟତାମୂଳକ କାର୍ଯ୍ୟାବଳୀ) ଅଧୀନରେ ଏକ ନୂଆ ପ୍ରାବ୍ଧାନ, ଯଥା ଉପଧାରା (୨) ଯୋଡାଯାଇଥିଲା, ଯେଉଁଥିରେ କୁହାଗଲା ଯେ, ନିଶା ନିୟନ୍ତ୍ରଣ, ଲଘୁ ବନଜାତ ସାମଗ୍ରୀ ଉପରେ ମାଲିକାନା, ଜମି ହସ୍ତାନ୍ତରକୁ ନିଷେଧ ଓ ବେଆଇନ୍ ଭାବେ ହସ୍ତାନ୍ତରିତ ଜମିର ପୁନରୁଦ୍ଧାର ତଥା ଆଦିବାସୀମାନଙ୍କ ସହ ଋଣ କାରବାର ଉପରେ ଗ୍ରାମଶାସନର ତତ୍ତ୍ୱାବଧାନରେ ରହି ଗ୍ରାମ ପଞ୍ଚାୟତ ନିୟନ୍ତ୍ରଣ ଜାରିକରିବ; ଯଦି ଏତିକି ଲେଖାଯାଇଥାନ୍ତା, ତେବେ ତାହା ସଂପୂର୍ଣ୍ଣ ଭାବେ ପେସା ସହ ସଂଗତିସଂପନ୍ନ ହୋଇଥାନ୍ତା । କିନ୍ତୁ ସେହି ଉପଧାରାରେ ପୁଣି ଏକ ଖଣ୍ଡବାକ୍ୟ ଯୋଡି ଦିଆଗଲା- ଏହି କ୍ଷମତା ସେହିଭଳି ଏବଂ ସେହି ସୀମା ପର୍ଯ୍ୟନ୍ତ ପ୍ରୟୋଗ କରାଯିବ, ଯାହାକି ବିହିତ କରାଯାଇପାରେ (*'in such manner and to such extent as may be prescribed'*)। ଅର୍ଥାତ୍ ପୁଣି ରାଜ୍ୟ ସରକାରଙ୍କ ମର୍ଜି ଉପରେ ଛାଡି ଦିଆଗଲା, ଉକ୍ତ ବ୍ୟବସ୍ଥା କାର୍ଯ୍ୟକାରୀ ହେବ କି ନାହିଁ ଏବଂ କିପରି କାର୍ଯ୍ୟକାରୀ ହେବ ।

**୧୧-** ଏହାପରେ ଓଡିଶା ପଞ୍ଚାୟତିରାଜ ବିଭାଗ ତରଫରୁ ୧୪ ନଭେମ୍ବର ୨୦୦୨ରେ ଓଡିଶା ଗ୍ରାମ ପଞ୍ଚାୟତ (ଲଘୁ ବନଜାତ ସାମଗ୍ରୀ ପ୍ରଶାସନ) ନିୟମାବଳୀ ୨୦୦୨ ବିଜ୍ଞପ୍ତି ଲାଭ କରିଛି । ଏଥିରେ କୁହାଯାଇଛି ଯେ, ଲଘୁ ବନଜାତ ସାମଗ୍ରୀର ସଂଗ୍ରହ ଓ ବ୍ୟବସାୟ ଉପରେ ନିୟନ୍ତ୍ରଣ ଗ୍ରାମ ପଞ୍ଚାୟତ (ଗ୍ରାମସଭା ନୁହେଁ) ହାତରେ ନ୍ୟସ୍ତ କରାଗଲା ଏବଂ ପ୍ରତି ବ୍ୟବସାୟୀଙ୍କୁ ଗ୍ରାମ ପଞ୍ଚାୟତ ନିକଟରେ ପଂଜିକରଣ କରିବାକୁ ପଡିବ, କିନ୍ତୁ ସଂପୃକ୍ତ ବ୍ୟବସାୟୀ ପ୍ରତି ସାମଗ୍ରୀ ପାଇଁ କେତେ ପଂଜିକରଣ ଫିସ୍ ଦାଖଲ କରିବେ ତାହା ରାଜ୍ୟ ସରକାର ସମୟାନ୍ତରରେ ନିର୍ଦ୍ଧାରଣ କରିବେ । ଏହି ନିୟମାବଳୀ ଅନୁଯାୟୀ ଗ୍ରାମ ପଞ୍ଚାୟତ ଗୋଟିଏ ବ୍ୟବସାୟୀର ପଂଜିକରଣ ରଦ୍ଦ କରିପାରିବ, କିନ୍ତୁ ତା'ର ବେଆଇନ୍ କାରବାର ବିରୁଦ୍ଧରେ ନିଜେ ଦଣ୍ଡବିଧାନ କରିପାରିବ ନାହିଁ । ଗ୍ରା.ପ.ର ସରପଞ୍ଚ କିମ୍ବା ସଂପାଦକଙ୍କ ଆବେଦନ କ୍ରମେ ଡି.ଏଫ୍.ଓ. ଦଣ୍ଡବିଧାନ କରିପାରିବେ । ସେହିପରି ବେଆଇନ୍ କାରବାର ହେଉଥିବା ସାମଗ୍ରୀ ଜବତ ହେଲେ ତାହା ନିଲାମ ମାଧ୍ୟମରେ ବିକ୍ରୀ ହେବ, କିନ୍ତୁ ସେଥିରୁ ଯେଉଁ ଅର୍ଥ ଉପଲବ୍ଧ ହେବ, ତାହା ଗ୍ରାମପାଣ୍ଠି ନୁହେଁ, ଓଡିଶା ଜଙ୍ଗଲ ଆଇନ୍ ଅଧୀନରେ ଜମା କରାଯିବ । ପୁଣି ଯଦି କେହି ବ୍ୟକ୍ତି ଗ୍ରାମ ପଞ୍ଚାୟତର ନିଷ୍ପତ୍ତିରେ କ୍ଷୁବ୍ଧ ହୁଅନ୍ତି, ତେବେ ସେ ଗ୍ରା.ପ.ଆଇନ୍ ୧୯୬୪ର ଧାରା ୧୩୩ ଅନୁଯାୟୀ ପ୍ରଥମେ ସବ୍-କଲେକ୍ଟର୍ ଏବଂ ସବ୍-କଲେକ୍ଟରଙ୍କ ନିଷ୍ପତ୍ତିରେ ଅସନ୍ତୁଷ୍ଟ ହେଲେ କଲେକ୍ଟର୍‌ଙ୍କ ନିକଟରେ ଅପିଲ୍ କରିବେ । ଏହିଭଳି ପେସା ଅନୁଯାୟୀ ଲଘୁବନଜାତ ସାମଗ୍ରୀର ମାଲିକାନାକୁ ନେଇ ଯେଉଁ କ୍ଷମତା ଗ୍ରାମସଭାକୁ ମିଳିବା କଥା, ତାହା ପରିଶେଷରେ ଡି.ଏଫ୍.ଓ. ଏବଂ ସବ୍‌କଲେକ୍ଟର୍ ଓ କଲେକ୍ଟର୍‌ଙ୍କ ହାତରେ ଠୁଳୀଭୁତ କରାଯାଇଛି । ଏଠାରେ ପୁଣି ଉଲ୍ଲେଖଯୋଗ୍ୟ ଯେ, କେନ୍ଦୁପତ୍ର, ଶାଳମଞ୍ଜି ଓ ବାଉଁଶ ଲଘୁବନଜାତ ସାମଗ୍ରୀ ହୋଇଥିଲେ ହେଁ, ସେଗୁଡିକର ନିୟନ୍ତ୍ରଣ ସିଧାସଳଖ ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗର ଏକଚାଟିଆ ନିୟନ୍ତ୍ରଣ ଅଧୀନରେ ପୂର୍ବ ଭଳି ଏବେବି ରହିଛି ।

**୧୨-** ଉପରେ ଦର୍ଶୀତ ହୋଇଛି, ପେସା ଆଇନ୍ ଅନୁଯାୟୀ ନିଶା ସାମଗ୍ରୀ ଉପରେ ଗ୍ରାମସଭାର ନିୟନ୍ତ୍ରଣ ରହିବା କଥା । କିନ୍ତୁ ଆମେ ଲକ୍ଷ୍ୟ କରିଛେ, ଏ ବ୍ୟାପାରରେ ରାଜ୍ୟ ସରକାର ନିୟମାବଳୀ ପ୍ରସ୍ତୁତ କରି ଉକ୍ତ ନିୟନ୍ତ୍ରଣର ସ୍ୱରୂପ ନିର୍ଦ୍ଧାରଣ କରିବେ ବୋଲି କୁହାଯାଇଛି । ବସ୍ତୁତଃ ୧୯୯୯ରେ ରାଜ୍ୟ ସରକାର ବିହାର ଓ ଓଡିଶା ଅବକାରୀ ଆଇନ୍ ୧୯୧୫ର ଏକ ସଂଶୋଧନ ଆଣି ଏକ ନୂଆ ଧାରା ୨୬-ଏ ଯୋଡିଛନ୍ତି । ଏଥିରେ କୁହାଯାଇଛି ଯେ, ରାଜ୍ୟ ଅବକାରୀ ବିଭାଗ ଯଦି ଅନୁସୂଚୀତ ଅଞ୍ଚଳରେ ମଦ ଦୋକାନ ଖୋଲିବାକୁ ଚାହାଁନ୍ତି, ତେବେ ବିଭାଗ ତରଫରୁ ସଂପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ନିକଟକୁ ଏହି ପ୍ରସ୍ତାବ ପଠାଇବେ । ସରପଞ୍ଚ ଗ୍ରାମଶାସନର ସହମତି ଆଣି ୩୦ଦିନ ଭିତରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟକୁ ତାହା ପଠାଇବେ । ଯଦି ସରପଞ୍ଚଙ୍କ ନିକଟରୁ ଉକ୍ତ ୩୦ଦିନ ଭିତରେ କୌଣସି ଉତ୍ତର ନଆସେ, ତେବେ ଗ୍ରାମଶାସନର ଉକ୍ତ ପ୍ରସ୍ତାବ ପ୍ରତି କୌଣସି ଆପତ୍ତି ନାହିଁ ଏବଂ ଅନ୍ୟ ପକ୍ଷରେ ଅନୁମୋଦନ ଅଛି ବୋଲି ଧରିନିଆଯିବ । ଏହାପରେ ସରକାର ସେ ଅଞ୍ଚଳରେ ମଦ ଦୋକାନ ଖୋଲିଲେ ସ୍ଥାନୀୟ ଲୋକଙ୍କ ପ୍ରତିବାଦ ଆଉ ଶୁଣାଯିବ ନାହିଁ ।

**୧୩-** ଉପରେ ଦର୍ଶୀତ ହୋଇଛି, ପେସା ଆଇନ୍ ଅନୁଯାୟୀ ଅନୁସୂଚୀତ ଅଞ୍ଚଳରେ ଆଦିବାସୀ ଲୋକଙ୍କ ହାତରୁ ଜମି ହସ୍ତାନ୍ତର ହୋଇଥିଲେ, ତାକୁ ଫେରାଇ ଆଣି ମୂଳ ବ୍ୟକ୍ତିଙ୍କୁ ପୁନରାର୍ପଣ କରିବା ସକାଶେ ଗ୍ରାମସଭାର କ୍ଷମତା ରହିଛି । ବସ୍ତୁତଃ ଓଡିଶାରେ ଆଦିବାସୀ ମାନଙ୍କ ଠାରୁ ଜମି ହସ୍ତାନ୍ତରକୁ ରୋକିବା ପାଇଁ ୧୯୫୬ ଠାରୁ ଏକ ଆଇନ୍ ବଳବତ୍ତର ରହିଛି- ଓଡିଶା ଅନୁସୂଚୀତ ଅଞ୍ଚଳ ସ୍ଥାବର ସମ୍ପତ୍ତି ହସ୍ତାନ୍ତର (ଅନୁସୂଚୀତ ଜନଜାତିଙ୍କ ଦ୍ୱାରା) ରେଗୁଲେସନ୍ ୧୯୫୬ ବା ରେଗୁଲେସନ୍-୨ । ଏହି ଆଇନ୍‌ରେ ମୂଳରୁ ଗ୍ରାମସଭାକୁ କୌଣସି କ୍ଷମତା ଦିଆହୋଇନି କିମ୍ବା ପେସା ଆସିଲା ପରେ ବି ଦିଆଯାଇନି । ୧୯୯୭ ଓ ତା'ପରେ ପେସା ନାଁରେ ଯେଉଁ ସବୁ ସଂଶୋଧନ କରାଯାଇଛି, ତଦ୍ୱାରା ଗ୍ରାମସଭାର କ୍ଷମତା ବଢ଼ିବା ଦୂରର କଥା, ଆଗେ ଯେଉଁସବୁ ସରକାରୀ କର୍ତ୍ତୃପକ୍ଷଙ୍କ ହାତରେ ଜମି ହସ୍ତାନ୍ତରକୁ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କ୍ଷମତା ନ୍ୟସ୍ତ କରାଯାଇଥିଲା, ଯଥା ସବ୍-କଲେକ୍ଟର୍, କଲେକ୍ଟର୍ ଓ ଆର୍.ଡି.ସି., ସେମାନଙ୍କ ହାତରେ ଅଧିକ କ୍ଷମତା କେନ୍ଦ୍ରୀଭୂତ କରାଯାଇଛି ।

୧୪- ପେସା ସହିତ ଆମର ବିଧିବ୍ୟବସ୍ଥାକୁ ସଂଗତିସମ୍ପନ୍ନ କରିବା ପାଇଁ କ'ଣ କରାଯାଇପାରେ ?

- କେନ୍ଦ୍ରୀୟ ସ୍ତରରେ ଥିବା ଭୂମି ଅଧିଗ୍ରହଣ ଆଇନ୍ ଓ କୋଇଲା ପ୍ରସୁ ଅଞ୍ଚଳ ଆଇନ୍ ଇତ୍ୟାଦି ସମେତ ଯେତେସବୁ କେନ୍ଦ୍ରୀୟ ଆଇନ୍ ରହିଛି, ଓ ଯେଉଁଗୁଡିକ ୫ମ ଅନୁସୂଚୀ ଅଞ୍ଚଳ ଓ ଆଦିବାସୀ ଜନଜୀବନ ସହ ସଂପର୍କୀତ ସେଗୁଡିକୁ ପେସା ସହିତ ସଂଗତିଶୀଳ କରିବା ପାଇଁ ସମୀକ୍ଷା ଓ ସଂଶୋଧନ କରାଯିବା ଜରୁରୀ ।

- ପେସା ସହିତ ସଂଗତିଶୀଳ କରିବାକୁ ଯାଇ ଓଡିଶାରେ ଯେତେସବୁ ସଂଶୋଧନ ଓ ନୂତନ ବିଧିବ୍ୟବସ୍ଥାର ପ୍ରବର୍ତ୍ତନ ହୋଇଛି, ସେଗୁଡିକର ସମୀକ୍ଷା ଦରକାର ଓ ଆବଶ୍ୟକ ମତେ ପ୍ରତ୍ୟାହାର ବା ସଂଶୋଧନ ମଧ୍ୟ ଜରୁରୀ । ଓଡିଶା ଗ୍ରାମ ପଞ୍ଚାୟତ ଆଇନ୍ ୧୯୪୮ରେ ଥିବା ପଞ୍ଚାୟତୀ ଅଦାଲତ ଓ ପଞ୍ଚାୟତ ପୋଲିସ୍‌ର ବ୍ୟବସ୍ଥାକୁ ପୁନଃପ୍ରବର୍ତ୍ତନ କରାଯାଇପାରେ (ପେସାର ଧାରା ୪-ଡି କୁ ଦୃଷ୍ଟିରେ ରଖି) । ସେହିପରି ଅଞ୍ଚଳ ଶାସନ ଆଇନ୍ ୧୯୫୫ ଏବଂ ଓଡିଶା ନିଶାନିବାରଣ ଆଇନ୍ ୧୯୫୬କୁ ପେସା ସହିତ ସଂଗତିସମ୍ପନ୍ନ ବିଧିବିଧାନ ବୋଲି ବିଚାର କରି ସେଗୁଡିକୁ ପୁନଃପ୍ରବର୍ତ୍ତନ ପାଇଁ ପ୍ରଚଷ୍ଟା କରାଯାଉ ।

Draft Notes by Chitta Behera, 4A Jubilee Tower, Choudhury Bazar, Cuttack-9, M-9437577546, Dt 6.9.2010